
ଭାରତ ନିର୍ବାଚନ ଆୟୋଗ
Election Commission of India
ଭୋଟର ତାଲିକାରେ ଆପଣଙ୍କର ନାମ ଯାଞ୍ଚ କରନ୍ତୁ ।
ଏସଏମଏସ କରନ୍ତୁ <ECI> ସ୍ପେସ୍ <EPIC ନମ୍ବର> 1950କୁ
କିମ୍ବା ଅନଲାଇନରେ ଭିଜିଟ କରନ୍ତୁ elections24.eci.gov.in
'ମୋ ଭୋଟ୍, ମୋ କର୍ତ୍ତବ୍ୟ' ଚଳଚିତ୍ର ଦେଖିବା ପାଇଁ ଏହି QR କୋଡ ସ୍କାନ କରନ୍ତୁ
ସଚିନ ତେନ୍ଦୁଲକର
ନ୍ୟାସନାଲ ଆଇକନ ଇସିଆଇ
ନିର୍ବାଚନର ପର୍ବ ଦେଶର ଗର୍ବ
ସାଧାରଣ ନିର୍ବାଚନ - ୨୦୨୪
ସ୍କାନ୍ କରନ୍ତୁ ଏବଂ ଡାଉନଲୋଡ୍ କରନ୍ତୁ । ଭୋଟର ହେଲ୍ପଲାଇନ ଆପ୍
CBC 52101/13/0026/2425

ପୂର୍ବତନ ମନ୍ତ୍ରୀ ଡମ୍ବରୁଧର ଉଲ୍ଲାକାଙ୍କ ପରଲୋକ

ରାୟଗଡ଼ା,୧୫।୫ (ସ.ପ୍ର.) : କଂଗ୍ରେସର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ଡମ୍ବରୁଧର ଉଲ୍ଲାକାଙ୍କ ପରଲୋକ ହୋଇଛି। ୮୭ବର୍ଷ ବୟସରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ବିଳମ୍ବିତ ରାତିରେ ତାଙ୍କର ଦେହାନ୍ତ ହୋଇଛି। ସେ ଅସୁସ୍ଥ ଥିଲେ ଓ ଅବସ୍ଥା ଗୁରୁତର ହେବାରୁ ଭୁବନେଶ୍ୱରର ଏକ ଘରୋଇ ହସପିଟାଲରେ ତାଙ୍କୁ ଭର୍ତ୍ତି କରାଯାଇଥିଲା। ମଙ୍ଗଳବାର ରାତି ୧୧ଟାରେ ସେଠାରେ ତାଙ୍କର ମୃତ୍ୟୁ ହୋଇଛି। କଂଗ୍ରେସ ଟିକଟରେ ରାୟଗଡ଼ା ଜିଲା ବିଷମକଟକରୁ ୭ ଥର ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ ଡମ୍ବରୁଧର। ସ୍ୱର୍ଗତ ଉଲାକା ୧୯୭୨ ମସିହାରେ ତାଙ୍କ ରାଜନୈତିକ ଜୀବନ ଆରମ୍ଭ କରିଥିଲେ। ସେ ୧୯୭୪ରେ ପ୍ରଥମ ଥର କଂଗ୍ରେସ ଟିକଟରେ ବିଷମକଟକରୁ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ଏହାପରେ ସେ ୧୯୭୭, ୧୯୮୦, ୧୯୮୫, ୧୯୯୫, ୨୦୦୪ ଓ ୨୦୦୯ରେ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ୧୯୮୫ ମସିହାରେ ସେ ଅବକାରୀ, ସହର ଉନ୍ନତିକରଣ ଏବଂ ଜଙ୍ଗଲ ଓ ପରିବେଶ ବିଭାଗର ମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ପତ୍ନୀ, ତାଙ୍କର ଦୁଇ ପୁଅ ଓ ତିନି ଝିଅ, ନାତିନାତୁଣୀ ଉପସ୍ଥିତ ଥିଲେ। ସ୍ୱର୍ଗତ ଡମ୍ବରୁଧରଙ୍କ ବଡ଼ ପୁଅଙ୍କ ପୂର୍ବରୁ ଦେହାନ୍ତ ହୋଇସାରିଥିବାବେଳେ ମଝିଆ ପୁଅ କରୁଣାକରଙ୍କୁ ଚଳିତ ନିର୍ବାଚନରେ କଂଗ୍ରେସରୁ ଟିକଟ ନ ମିଳିବାରୁ ନୀଳମାଧବ ସ୍ୱାଧୀନ ପ୍ରାର୍ଥୀ ଭାବେ ଲଢ଼ିଛନ୍ତି। ସ୍ୱର୍ଗତ ଉଲ୍ଲାକା ରାୟଗଡା ଜିଲାର କଲ୍ୟାଣସିଂପୁରରେ ଜନ୍ମ ହୋଇଥିଲେ। ପରବର୍ତ୍ତୀ ସମୟରେ ବିଷମକଟକ ବ୍ଲକର ବାଙ୍କିଲିରେ ରହୁଥିଲେ।

ରାଷ୍ଟ୍ରପତିଙ୍କ ଶୋକ

ତାଙ୍କ ମୃତ୍ୟୁ ଖବର ପାଇ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗଭୀର ଶୋକ ପ୍ରକାଶ କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି । ସେ ଗରିବ ଓ ଆଦିବାସୀଙ୍କ ପାଇଁ ବହୁ କାର୍ଯ୍ୟ କରିଥିବା ତାଙ୍କ ଶୋକବାର୍ତ୍ତାରେ ପ୍ରକାଶ କରିଛନ୍ତି। ବୁଧବାର ତାଙ୍କ ମରଶରୀର ଭୁବନେଶ୍ୱରସ୍ଥିତ କଂଗ୍ରେସ ଭବନରେ ପହଞ୍ଚିବା ପରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ, ବରିଷ୍ଠ କଂଗ୍ରେସ ନେତା ପଞ୍ଚାନନ କାନୁନଗୋ, ଶିବାନନ୍ଦ ରାୟଙ୍କ ସମେତ ବହୁ କଂଗ୍ରେସ ନେତା। ଏହାପରେ ତାଙ୍କ ମର ଶରୀର ବିଧାନସଭା ପରିସରରେ ପହଞ୍ଚିଥିଲା। ସେଠାରେ ତାଙ୍କୁ ଗାର୍ଡ଼ ଅଫ୍ ଅନର ପ୍ରଦାନ କରାଯାଇଥିଲା। ତାପରେ ତାଙ୍କ ମୃତଦେହ ରାୟଗଡ଼ା ଜିଲା ବିଷମକଟକ ବ୍ଲକର ବାଙ୍କିଲିରେ ପହଞ୍ଚିଥିଲା। ଡମ୍ବରୁଧର ଉଲାକାଙ୍କ ବିୟୋଗରେ ମନ୍ତ୍ରୀ ଜଗନ୍ନାଥ ସାରକା, ଜିଲା ବିଜେଡି ସଭାପତି ଏନ୍. ଭାସ୍କର ରାଓ, ବିଜେଡି ସାଧାରଣ ସମ୍ପାଦକ ସୁଧୀର କୁମାର ଦାଶ, ରାୟଗଡା କଂଗ୍ରେସର କାର୍ଯ୍ୟକାରୀ ସଭାପତି ଶଙ୍କର୍ଷଣ ମଙ୍ଗରାଜ, ପୂର୍ବତନ ସଭାପତି ବିଜୟ ଗମାଙ୍ଗ, ବିଜେପି ଜିଲା ସଭାପତି ଶିବ ପଟ୍ଟନାୟକ, ବିଜେପିର ସାଂସଦ ପ୍ରାର୍ଥୀ କାଳୀରାମ ମାଝୀ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

ରାଜଧାନୀରେ ରାଜନୈତିକ ହିଂସା

ବିଜେଡି-ବିଜେପି ମୁହାଁମୁହିଁ

ଦମ୍ ଥିଲେ ପ୍ରମାଣ ଦେଖାନ୍ତୁ: ବିଜେଡି

ଭୁବନେଶ୍ୱର, ୧୫।୫ (ଆ.ପ୍ର.): ରାଜଧାନୀରେ ରାଜନୈତିକ ହିଂସା ଦେଖାଦେଇଛି। ଭୁବନେଶ୍ୱର ମଧ୍ୟ ନିର୍ବାଚନମଣ୍ଡଳୀରେ ୨୦୧୯ ସାଧାରଣ ନିର୍ବାଚନର ପୁନରାବୃତ୍ତି ଘଟିଛି। ବିଜେପି କର୍ମୀଙ୍କୁ ବିଜେଡି ସମର୍ଥକଙ୍କ ଆକ୍ରମଣ ନେଇ ନୂଆପଲ୍ଲୀ ଓ କ୍ୟାପିଟାଲ ଥାନାରେ ପୃଥକ୍ ଅଭିଯୋଗ ହୋଇଛି। ଆକ୍ରମଣକାରୀଙ୍କ ଉପରେ ପୁଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବାରୁ ମଧ୍ୟ ନିର୍ବାଚନମଣ୍ଡଳୀରେ ବିଜେପି କର୍ମୀ ନିର୍ବାଚନ ପ୍ରଚାର ଲାଗି ଅସୁରକ୍ଷିତ ମଣୁଥିବା ଅଭିଯୋଗ ହୋଇଛି।

୨୦୧୯ ନିର୍ବାଚନ ସମୟରେ ମଧ୍ୟ ନିର୍ବାଚନମଣ୍ଡଳୀରେ ବିଜେଡି ଓ ବିଜେପି ବିଧାୟକ ପ୍ରାର୍ଥୀଙ୍କ ମଧ୍ୟରେ ଗଣ୍ଡଗୋଳ ଘଟିଥିଲା। ଏପରିକି ବୋମା ମଧ୍ୟ ଫୁଟିଥିଲା। ଘଟଣା ଥାନାରେ ପହଞ୍ଚିଥିଲା। ଚଳିତ ନିର୍ବାଚନ ସମୟରେ ପୁଣି ଗଣ୍ଡଗୋଳ ଆରମ୍ଭ ହୋଇଯାଇଛି। ବିଜେପି କର୍ମୀଙ୍କୁ ବିଜେଡି ସମର୍ଥକ ଆକ୍ରମଣ କରିବା ଭଳି ଘଟଣା ପୁଣି ସାମ୍ନାକୁ ଆସିଛି। ମଙ୍ଗଳବାର କ୍ୟାପିଟାଲ ଥାନା ଅଧୀନ ୟୁନିଟ୍-୬ ମଙ୍ଗଳା ବସ୍ତିର ମମତା ମଲ୍ଲିକ, ତାଙ୍କ ସ୍ୱାମୀ ମାୟାଧର ବେହେରା ସମେତ ଅନ୍ୟ କେତେକ ବିଜେପି କର୍ମୀ ଆଖଣ୍ଡଳମଣି ବସ୍ତିରେ ବିଜେପି ପ୍ରାର୍ଥୀ ଜଗନ୍ନାଥ ପ୍ରଧାନଙ୍କ ପାଇଁ ପ୍ରଚାର କରୁଥିଲେ। ଏହି ସମୟରେ ସ୍ଥାନୀୟ ବିଜେଡି ନେତା ମଧୁସୂଦନ ରେଡ୍ଡୀ, ମିଥୁନ, ଆଲୋକ, ଅର୍ଜୁନ, ଲିଗୁ, ବାଦଲ, ବବୁଲୁ, ସନ୍ତୋଷ ସ୍ୱାଇଁ, ଅଭିଳାଷ ଦାସ ସମେତ ୩୦ରୁ ଅଧିକ ଯୁବକ ହାତରେ ମାରଣାସ୍ତ୍ର ଧରି ତାଙ୍କୁ ବିରୋଧ କରିଥିଲେ। ଫଳରେ ଉଭୟ ମୁହାଁମୁହିଁ ହୋଇଥିଲେ। ମଧୁସୂଦନ ଓ ତା'ର ସହଯୋଗୀ ମମତାଙ୍କ ଜ୍ୱାଇଁ ଓ ତାଙ୍କ ସ୍ୱାମୀଙ୍କୁ ଆକ୍ରମଣ କରିଥିଲେ। ଜ୍ୱାଇଁ ଓ ସ୍ୱାମୀଙ୍କୁ ଉଦ୍ଧାର କରିବାକୁ ଯାଇ ସେ ମଧ୍ୟ ଆକ୍ରମଣର ଶିକାର ହୋଇଥିଲେ। ପରେ ଏନେଇ ମମତା କ୍ୟାପିଟାଲ ଥାନାର ଦ୍ୱାରସ୍ଥ ହୋଇଥିଲେ। ତାଙ୍କ ଅଭିଯୋଗକୁ ଆଧାର କରି ପୁଲିସ ମାମଲା ରୁଜୁ କରିଛି। ସମ୍ପୃକ୍ତ ଅଭିଯୁକ୍ତମାନେ ବୁଲୁଥିବାବେଳେ ସେମାନଙ୍କୁ ଧରିବା ଲାଗି ପୁଲିସ ପଛଘୁଞ୍ଚା ଦେଇଛି। ସେହିପରି ସୋମବାର ନୂଆପଲ୍ଲୀ ଥାନା ଅଞ୍ଚଳରେ ଅନୁରୂପ ନିର୍ବାଚନ ହିଂସା ଘଟିଥିଲା। ବିଜେପି କର୍ମୀ ନୀଳକଣ୍ଠନଗରସ୍ଥିତ ବାଲିତୋଟା ସାହିର ଲକ୍ଷ୍ମଣ ମହାପାତ୍ରଙ୍କୁ ଘରୁ ଡାକି ବିଜେଡି କର୍ମୀମାନେ ଆକ୍ରମଣ କରିଥିଲେ। ବିଜେଡି ବିଧାୟକ ପ୍ରାର୍ଥୀଙ୍କ ସମର୍ଥକ ସମରେନ୍ଦ୍ର ଜେନା ଓ ବିଷ୍ଣୁପ୍ରଭା ସାହୁଙ୍କ ସମେତ ପ୍ରାୟ ୫୦ ଯୁବକ ତାଙ୍କୁ ମାଡ଼ ମାରିଥିଲେ। ପାଟି ଶୁଣି ଭାଇକୁ ରକ୍ଷା କରିବା ଲାଗି ତାଙ୍କ ଭଉଣୀ ଦୌଡ଼ି ଆସିଥିଲେ। ତାଙ୍କୁ ମାଡ଼ ମାରିବା ସହ ଭଉଣୀଙ୍କୁ ଅସଦାଚରଣ କରିଥିବା ନେଇ ଲକ୍ଷ୍ମଣ ନୂଆପଲ୍ଲୀ ଥାନାରେ ଅଭିଯୋଗ କରିଥିଲେ। ସମ୍ପୃକ୍ତ ଆକ୍ରମଣକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ବିଜେପି କର୍ମୀମାନେ ଥାନା ଘେରାଉ କରିଥିଲେ। ଅନ୍ୟପକ୍ଷରେ ବିଜେଡି ବିଧାୟକ ପ୍ରାର୍ଥୀ ଶ୍ରୀ ଜେନା କହିଛନ୍ତି ଯେ, ଏପରି ଘଟଣା ଘଟିନି। ଏହା ଭିତ୍ତିହୀନ, କପୋଳକଳ୍ପିତ। ସେ ନିଜେ କେତେଜଣ ଅପରାଧୀଙ୍କୁ ଧରି ବୁଲୁଛନ୍ତି ପ୍ରଥମେ ଦେଖନ୍ତୁ। ସେମାନେ ମିଛୁଆ ରାଧୁଆ। ଦମ୍ ଥିଲେ ପ୍ରମାଣ ଦେଖାନ୍ତୁ। ଆମ ଦଳର ନେତା ନବୀନ ପଟ୍ଟନାୟକ ସବୁବେଳେ ଶାନ୍ତି ଉପରେ ଜୋର୍ ଦେଇଥାନ୍ତି। ଯୁବ ବିଜେଡି ଉପସଭାପତି ଦିଲୀପ ସେନାପତି କହିଛନ୍ତି ଯେ, ନିର୍ବାଚନରେ ଯେହେତୁ ସେମାନେ ବହୁ ପଛରେ ପଡ଼ିଛନ୍ତି, ତେଣୁ ଏପରି ଅଭିଯୋଗ ଆଣୁଛନ୍ତି। ଏଭଳି ସ୍ଥିତିରେ ପୁଲିସ କାର୍ଯ୍ୟାନୁଷ୍ଠାନ ନେଇ ପ୍ରଶ୍ନ ଉଠାଇଛି ବିଜେପି।

ବିଜେଡି ଭୋଟରଙ୍କୁ ଭୟଭୀତ କରି ଜିତିବାକୁ ଉଦ୍ୟମ କରୁଛି: ବିଜେପି

ଭୁବନେଶ୍ୱର,୧୫।୫(ନି.ପ୍ର): ବିଜେଡି ପ୍ରାର୍ଥୀ ଅପରାଧୀଙ୍କୁ ଧରି ପ୍ରଚାର କରୁଛନ୍ତି। ଏଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ଏଭଳି ସଙ୍ଗିନ ଅଭିଯୋଗ କରିଛନ୍ତି ଭୁବନେଶ୍ୱର ମଧ୍ୟ ନିର୍ବାଚନମଣ୍ଡଳୀ ବିଜେପି ପ୍ରାର୍ଥୀ ଜଗନ୍ନାଥ ପ୍ରଧାନ। ତାଙ୍କ ଅଭିଯୋଗ ଅନୁଯାୟୀ, କର୍ପୋରେଟରଙ୍କ ସ୍ୱାମୀ ଓ ଜଣେ ପେସାଦାର ଅସମାଜିକ ଯୁବକ ବିଜେପି କର୍ମୀଙ୍କୁ ଗତକାଲି ଆକ୍ରମଣ କରିଥିଲେ। ୨୫ରୁ ୩୦ଜଣ ଏହି ଆକ୍ରମଣରେ ସାମିଲ ହୋଇଥିଲେ। ମୁଁ ନିଜେ ଡିସିପିଙ୍କୁ ମଧ୍ୟ ଅବଗତ କରିଥିଲି। ହେଲେ ଏନେଇ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନି। ମଧ୍ୟ ଭୁବନେଶ୍ୱରର ବିଜେଡି ପ୍ରାର୍ଥୀଙ୍କ ନାମରେ ଜମି ଠକେଇ ନେଇ ସାରୁଅରେ ମାମଲା ହୋଇଛି। ଏଭଳି ଲୋକଙ୍କୁ ବିଜେଡି ଟିକଟ ଦେଇଛି। ବିଜେଡି ପ୍ରାର୍ଥୀ ଅନନ୍ତ ନାରାୟଣ ଜେନା ଓ ତାଙ୍କ ସମର୍ଥକ ବିଜେପି କର୍ମୀ ଓ ଭୋଟରଙ୍କୁ ଆକ୍ରମଣ ଓ ଭୟଭୀତ କରି ନିର୍ବାଚନ ଜିତିବାକୁ ଯୋଜନା କରିଛନ୍ତି। ହାରିବା ଭୟରେ ଭୟଭୀତ ହୋଇଯାଇଛି ବିଜେଡି।

ବିଜେପି କର୍ମୀ ଓ ଭୋଟରଙ୍କୁ ଆକ୍ରମଣ କରାଯାଉଛି। ପୁଲିସ ସହାୟତାରେ ନିର୍ବାଚନ ଜିତିବାକୁ ବିଜେଡି ରଣନୀତି କରୁଛି। ନୂଆପଲ୍ଲୀରେ କିଛି ଦିନ ପୂର୍ବରୁ ବିଜେପି କର୍ମୀଙ୍କୁ ଆକ୍ରମଣ ହୋଇଥିଲା। ନିର୍ବାଚନ ହିଂସା ଓ ଆକ୍ରମଣ ରାଜନୀତିରୁ ବିଜେଡି ନିବୃତ୍ତ ରହୁ ବୋଲି ଶ୍ରୀ ପ୍ରଧାନ ଦାବି କରିଛନ୍ତି।



ଶୁଣିବାରେ ସମସ୍ୟା? AudiZone Experience the sound
ଶ୍ରବଣ ଯନ୍ତ୍ର
SPECIAL SUMMER OFFER
Digital Hearing AID
ଅଡିଜୋନ୍ ଆସନ୍ତୁ, ଭଲ ଶୁଣନ୍ତୁ ।
Mob: 9439543332
ଶାଖା କାର୍ଯ୍ୟାଳୟ:-ବରମୁଣ୍ଡା, ଜୟଦେବ ବିହାର, ଲିଙ୍କ୍ ରୋଡ, ମଙ୍ଗଳାବାଗ୍, ବ୍ରହ୍ମପୁର, ସମ୍ବଲପୁର, ରାଉରକେଲା, କୋରାପୁଟ, ବାଲେଶ୍ୱର, କେନ୍ଦୁଝର, ଟାଟା ଇତ୍ୟାଦି...
AUDIZONE SPEECH & HEARING CLINIC

'ସମାଜ' ଜନମତ

୧୫।୫ର ମତାମତ

ନିର୍ବାଚନରେ 'ନୋଟା' ଭଳି ଭୋଟରଙ୍କ ଅସନ୍ତୋଷ ଜାଣିବା ଲାଗି ଇଭିଏମ୍‌ରେ ଅନ୍ୟ କେଉଁ ବଟନ ରହିବା ଆବଶ୍ୟକ ?

କ) ଶିକ୍ଷା : ୩୪.୪%
ଖ) ଅପରାଧ : ୧୮.୮%
ଗ) ଲୋକପ୍ରିୟତା : ୧୨.୫%
ଘ) କେଉଁଟି ନୁହେଁ : ୩୪.୪%

ଆଜିର ପ୍ରସଙ୍ଗ

ଭାରତରେ ପ୍ରତ୍ୟେକ ନିର୍ବାଚନରେ କେଉଁ ପ୍ରସଙ୍ଗକୁ ରାଜନୈତିକ ଦଳଗୁଡ଼ିକ ମୁଖ୍ୟ ଅସ୍ତ୍ର ଭାବେ ବ୍ୟବହାର କରୁଛନ୍ତି?

କ) ସାମ୍ପ୍ରଦାୟିକତା
ଖ) ଧର୍ମ
ଗ) ବିକାଶ
ଘ) ଅର୍ଥନୀତି

samajalive.inର ଟ୍ୱିଟର ଆକାଉଣ୍ଟ ଓ samajalive.in ୱେବ୍ ପେଜ୍‌ରେ ଦେଇପାରିବେ ଆପଣଙ୍କ ମନ୍ତବ୍ୟ। ମତ ଦେବା ସମୟ ସକାଳ ୯ରୁ ରାତି ୯।

ନିର୍ବାଚନ ଶୋଭାଯାତ୍ରାରେ ଗଣ୍ଡଗୋଳ: ବିଜେଡି ଓ ବିଜେପି ବିରୋଧରେ ୩ ମାମଲା

ଗୁରୁଡ଼ିଝାଟିଆ, ୧୫।୫ (ନି.ପ୍ର.): ବିଜେପି ପ୍ରାର୍ଥୀଙ୍କ ଶୋଭାଯାତ୍ରାରେ ଯୋଗ ଦେବାରୁ ମଙ୍ଗଳବାର ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ଅନନ୍ତପୁର ଗ୍ରାମର ସୁଦର୍ଶନ ସାହୁଙ୍କୁ ବିଜେଡି କର୍ମୀ ମାଡ଼ ମାରିବା ଏବଂ ପରିବାର ସଦସ୍ୟଙ୍କୁ ଧମକ ଦେଇଥିଲେ।

ସୁଦର୍ଶନଙ୍କ ଅଭିଯୋଗ କ୍ରମେ ପୁଲିସ ମାମଲା ରୁଜୁ କରିଛି। ଅପରପକ୍ଷରେ ଖୁଣ୍ଟୁଣୀ ଥାନାକୁ ଏତଲା ଦେବାକୁ ଯାଇଥିବା ବିଜେଡି କର୍ମୀମାନଙ୍କୁ ଢେଲାପଥର ମାରିବା ଓ ସେମାନଙ୍କ ଗାଡ଼ି ଭଙ୍ଗାରୁଜା କରିବା ଅଭିଯୋଗ ନେଇ ବିଜେପି କର୍ମୀଙ୍କ ବିରୋଧରେ ମଧ୍ୟ ମାମଲା ରୁଜୁ ହୋଇଛି। ଅନୁରୂପ ଭାବେ ଅନନ୍ତପୁର ଠାରେ ବିଜେପିର ନିର୍ବାଚନ ଶୋଭାଯାତ୍ରା ଯାଉଥିବା ବେଳେ ରାସ୍ତା ପାଖ ମଣ୍ଡପରେ ବସିଥିବା ଅମୂଲି ସେଠୀ ଓ ତାଙ୍କର ସହଯୋଗୀମାନଙ୍କୁ ଗାଳିଗୁଲଜ କରିବା ଓ ସେମାନଙ୍କୁ ଧମକ ଦେବା ନେଇ ନୂଆଶାସନ ଓ ଅନନ୍ତପୁର ଗ୍ରାମର କିଛି ବିଜେପି ସମର୍ଥକଙ୍କ ବିରୋଧରେ ମଧ୍ୟ ଥାନାରେ ଅଭିଯୋଗ ହୋଇଛି। ଗତକାଲି ଗଣ୍ଡଗୋଳ, ଗାଡ଼ି ଭଙ୍ଗାରୁଜା ଓ ଗାଳିଗୁଲଜକୁ କେନ୍ଦ୍ର କରି ଉଭୟ ବିଜେଡି ଓ ବିଜେପି ସମର୍ଥକଙ୍କ ପକ୍ଷରୁ ମୋଟ ୩ଟି ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ଭବାନୀ ଶଙ୍କର ଖୁଣ୍ଟିଆ ପ୍ରକାଶ କରିଛନ୍ତି। ଏହି ଘଟଣାକୁ ନେଇ ଚାପା ଉତ୍ତେଜନା ରହିଥିବା ବେଳେ ପୁଲିସ ତୀକ୍ଷ୍ଣ ନଜର ରଖିଛି।

୨୫ ମୋବାଇଲ ଫୋନ୍ ଓ ୯ ଲାପଟପ୍ ଜବତ; ୨ ଗିରଫ

ଭୁବନେଶ୍ୱର, ୧୫।୫ (ଆ.ପ୍ର): ରେଳବାଇ ପୁଲିସ (ଜିଆର୍‌ପି) ବୁଧବାର ୨ ଜଣ ଲୁଟିଆଙ୍କୁ ଗିରଫ ପରେ ଅଦାଲତ ଚାଲାଣ କରିଛି। ସେମାନଙ୍କ ନିକଟରୁ ପୁଲିସ ୨୫ଟି ମୋବାଇଲ ଫୋନ୍ ଓ ୯ଟି ଲାପ୍‌ଟପ୍ ଜବତ କରିଛି। ଗିରଫ ଲୁଟିଆ ହେଲେ ଜଗତସିଂହପୁର ଅଞ୍ଚଳର ସଞ୍ଜୟ ସେଠ ଓ ବିଷ୍ଣୁପଦ ନାୟକ। ଅଭିଯୁକ୍ତ ସଞ୍ଜୟ ଟ୍ରେନ୍ ଯାତ୍ରୀଙ୍କୁ ନଜର କରୁଥିଲା। ଚଳନ୍ତା ଗାଡ଼ିରୁ ବି ସେ ଲୁଟ୍‌ପାଟ କରୁଥିଲା। ପ୍ଲାଟଫର୍ମରେ ବୁଲି ଯାତ୍ରୀଙ୍କ ଅନ୍ୟମନସ୍କତାର ସୁଯୋଗ ନେଇ ମୋବାଇଲ ଫୋନ୍ ଆଦି ଲୁଟି ନେଉଥିଲା। ସେହି ଚୋରି ଜିନିଷକୁ ବିଷ୍ଣୁପଦ ତା' ନିକଟରୁ କିଣୁଥିଲା। ଚୋରି ଟଙ୍କାରେ ସଞ୍ଜୟ ବିଳାସପୂର୍ଣ୍ଣ ଜୀବନ ବିତାଉଥିଲା। ହୋଟେଲରେ ରହୁଥିଲା। ପ୍ରେମିକା ପଛରେ ଟଙ୍କା ଖର୍ଚ୍ଚ କରୁଥିଲା। ଜଣେ ଯାତ୍ରୀଙ୍କ ଲାପ୍‌ଟପ୍ ଲୁଟ ଅଭିଯୋଗର ତଦନ୍ତ କରିବା ପରେ ପୁଲିସ ସଞ୍ଜୟକୁ ଧରିବାରେ ସଫଳ ହୋଇଥିଲା। ପଚରା ଉଚରା ପରେ ତା' ବୟାନକୁ ଆଧାର କରି ବିଷ୍ଣୁପଦକୁ ଧରିବାରେ ସଫଳତା ମିଳିଥିଲା ବୋଲି ରେଳବାଇ ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି।

REGD. NO. D.L.-33004/99

सत्यमेव जयते

The Gazette of India

ସି.ଜି.-ଡ଼ି.ଏଲ.-ଅ-30042024-253975
ଅସାଧାରଣ EXTRAORDINARY
ଭାଗ-୨-ଖଣ୍ଡ-୩-ଉପ-ଖଣ୍ଡ(ii) PART II-Section 3-Sub-section (ii)
ପ୍ରାଧିକାରୀଙ୍କ ଦ୍ୱାରା ପ୍ରକାଶିତ PUBLISHED BY AUTHORITY

ସଂ.୧୭୩୬] ନୂଆଦିଲ୍ଲୀ, ଶୁକ୍ରବାର, ଅପ୍ରେଲ ୨୬, ୨୦୨୪/ବୈଶାଖ ୬, ୧୯୪୬

ସଡ଼କ ପରିବହନ ଓ ରାଜମାର୍ଗ ମନ୍ତ୍ରାଳୟ
ବିଜ୍ଞପ୍ତି
ନୂଆଦିଲ୍ଲୀ, ୨୬ ଅପ୍ରେଲ, ୨୦୨୪

ଏସ.ଓ. 1828(ଅ)- କେନ୍ଦ୍ର ସରକାର, ରାଷ୍ଟ୍ରୀୟ ରାଜମାର୍ଗ ଅଧିନିୟମ, ୧୯୫୬ (୧୯୫୬ ର ୪୮) (ଯାହାକୁ ଏଥିରେ ଏହାର ପଶ୍ଚାତ୍ ଉକ୍ତ ଅଧିନିୟମ କୁହାଯାଇଛି)ର ଧାରା ୩କ ଗ ଉପଧାରା (୧) ଦ୍ୱାରା ପ୍ରଦତ୍ତ ଶକ୍ତି ପ୍ରୟୋଗ କରି ଏହା ସମାଧାନ ହେବା ପରେ ଓଡ଼ିଶା ରାଜ୍ୟର (ତହସିଲ୍‌ଦାର ସେମିଲିଗୁଡ଼ା) କୋରାପୁଟ ଜିଲ୍ଲାର ନୂତନ ପ୍ରସ୍ତାବିତ ୬ ଲେନ୍ ରାୟପୁର-ବିଶାଖାପାଟଣା ଏନ.ଏଚ୍ ୧୩୦ସିଡି ଇକୋନୋମିକ୍ କରିଡର୍ ଜମିର ଦୈର୍ଘ୍ୟ ରେ କି.ମି. ୨୩୯.୬୫୦ ଠାରୁ କି.ମି. ୩୬୫.୦୩୩ ପର୍ଯ୍ୟନ୍ତ ନିର୍ମାଣ, ଅନୁରକ୍ଷଣ ପରିଚାଳନା ଉଦ୍ଦେଶ୍ୟରେ ଲୋକମାନଙ୍କ ଏହି ଭୂମି ଆବଶ୍ୟକ କରାଯାଉଛି ଯାହାର ସମ୍ପୂର୍ଣ୍ଣ ବିବରଣୀ ନିମ୍ନ ଅନୁସୂଚୀରେ ପ୍ରଦାନ କରାଯାଇଛି, ଉକ୍ତ ଭୂମିର ଅର୍ଜନ କରିବା ପାଇଁ ନିଜର ଆଗ୍ରହର ଘୋଷଣା କରାଯାଉଛି।

ଯଦି କଥିତ ଜମି ଉପରେ କୌଣସି ବ୍ୟକ୍ତିଙ୍କ ସ୍ୱାର୍ଥ ରହିଥାଏ ତେବେ ଉପରୋକ୍ତ ଉଦ୍ଦେଶ୍ୟରେ ସେ କଥିତ ଅଧିନିୟମର ଧାରା ୩ଗ ର ଉପଧାରା (୧) ଅଧିନରେ ଉକ୍ତ ଉଦ୍ଦେଶ୍ୟରେ ଏହି ଜମିର ଉପଯୋଗୀତା ସମ୍ବନ୍ଧିତ ତାଙ୍କର ପ୍ରତିବାଦକୁ ବିଭାଗୀୟ ରାଜପତ୍ରରେ ଉକ୍ତ ବିଜ୍ଞାପନ ପ୍ରକାଶ ପାଇବା ତାରିଖଠାରୁ ଏକୋଇଶ ଦିନ ମଧ୍ୟରେ ଜଣାଇପାରିବେ।

ଏପ୍ରକାର ପ୍ରତ୍ୟେକ ପ୍ରତିବାଦକୁ ପ୍ରାଧିକୃତ କର୍ତ୍ତୃପକ୍ଷ, ଅର୍ଥାତ୍ ତହସିଲଦାର କମ ଭୂମି ଅଧିଗ୍ରହଣ ଅଧିକାରୀ ସେମିଲିଗୁଡ଼ାଙ୍କୁ ଲିଖିତ ଆକାରରେ ନିଜ ପ୍ରତିବାଦର ପୃଷ୍ଠଭୂମି ଉଲ୍ଲେଖକରି ପଠାଇବେ ଓ ପ୍ରାଧିକୃତ କର୍ତ୍ତୃପକ୍ଷ ସେହି ପ୍ରତିବାଦ ଗୁଡିକୁ ଉପଯୁକ୍ତ ଭାବରେ ସମୀକ୍ଷା କରି ଯଦି ଆବଶ୍ୟକ ପଡେ ଉପଯୁକ୍ତ ଅନୁସନ୍ଧାନ କରି ବ୍ୟକ୍ତିଗତ ଭାବରେ ବା ଜଣେ ଆଇନଗତ ପ୍ରାକଟିସନରଙ୍କ ଜରୀଆରେ ପ୍ରତିବାଦକାରୀଙ୍କ ପାଇଁ ଶୁଣାଣୀ ବ୍ୟବସ୍ଥା କରିବେ ଓ ଏହା ଉପରେ ଉପଯୁକ୍ତ ସିଦ୍ଧାନ୍ତ ଗ୍ରହଣ କରିବେ। ଯଦି ଅନୁସନ୍ଧାନର ଆବଶ୍ୟକ ପଡେ ତେବେ ପ୍ରାଧିକୃତ କର୍ତ୍ତୃପକ୍ଷଙ୍କ ଆଦେଶ ଦ୍ୱାରା ସେପ୍ରକାର ପ୍ରତିବାଦକୁ ଗ୍ରହଣ ବା ଅସ୍ୱୀକାର କରିପାରିବେ।

କଥିତ ଅଧିନିୟମର ଧାରା ୩ଗ ର ଉପଧାରା (୨) ଅଧିନରେ ପ୍ରାଧିକୃତ କର୍ତ୍ତୃପକ୍ଷଙ୍କ ଦ୍ୱାରା ପ୍ରଦାନ କରାଯିବାକୁ ଥିବା ଆଦେଶ ଅନ୍ତିମ ବୋଲି ବିବେଚନା କରାଯିବ।

ଏହି ବିଜ୍ଞାପନ ଅଧିନରେ ଅଧିଗ୍ରହଣ ହେବାକୁ ଥିବା ଜମିର ଯୋଜନା ଓ ଜମିର ଅନ୍ୟାନ୍ୟ ବିବରଣୀ ଓ ସେ ସଂପର୍କିତ ବିଜ୍ଞାପନ ଉପଲବ୍ଧ ହେବ ଏବଂ ଇଚ୍ଛୁକ ବ୍ୟକ୍ତିମାନେ ଏହାକୁ ପ୍ରାଧିକୃତ କର୍ତ୍ତୃପକ୍ଷଙ୍କ ଉପରୋକ୍ତ ଅଫିସରୁ ଦେଖିପାରିବେ।

ଅନୁସୂଚୀ

ଓଡ଼ିଶା ରାଜ୍ୟର କୋରାପୁଟ ଜିଲ୍ଲାର ନୂତନ ପ୍ରସ୍ତାବିତ ରାୟପୁର-ବିଶାଖାପାଣଟା ଇକୋନମିକ କୋରିଡର ଏନଏଚ-୧୩୦ସିଡି ର କି.ମି. ୨୩୯.୬୫୦ ଠାରୁ କି.ମି. ୩୬୫.୦୩୩ ପର୍ଯ୍ୟନ୍ତ (ତହସିଲଦାର, ସେମିଲିଗୁଡ଼ା, ଜିଲ୍ଲା-କୋରାପୁଟ) ବିନା ନିର୍ମାଣ କିମ୍ବା ନିର୍ମାଣ ସହିତ ଅଧିଗୃହୀତ ହେବାକୁ ଥିବା ନୂତନ ପ୍ରସ୍ତାବିତ ଜମିର ସଂକ୍ଷିପ୍ତ ବିବରଣୀ।

File Number: NHAI/11013/LA/PIU-Sambalpur,Odisha/Newly Proposed/Notif.(3a)/Koraput/3A2
ABHAY JAIN, Dy. Secy.

ଜିଲ୍ଲା-କୋରାପୁଟ
https://egazette.gov.in
Publication date: 30.04.2024
https://egazette.gov.in/(S(kqi5ausujczn4qrjx34cot0t))/ViewPDF.aspx
https://bhoomirashi.gov.in/auth/revamp/showFileCA.cshtml?notification_id=67540&file_id=45136

"ଅପୂର୍ଣ୍ଣ ସର୍ଣ୍ଣିମ ସପ୍ନ: ନିଜ ସୁନାରେ କରନ୍ତୁ ପୂର୍ଣ୍ଣ"
IDBI BANK
Bank Aisa Dost Jaisa
ଉପସ୍ଥାପନା କରୁଛି
ସ୍ୱର୍ଣ୍ଣ ରଣ
ପ୍ରତି ଏକ ଲକ୍ଷରେ ପ୍ରତିଦିନ ସର୍ବନିମ୍ନ ସୁଧ ଟ.୨୫/-*
- ଆପଣଙ୍କ କୃଷି / କାରବାର / ବ୍ୟକ୍ତିଗତ ଆବଶ୍ୟକତା ପାଇଁ ତୁରନ୍ତ ମଞ୍ଜୁରୀ ତଥା ପ୍ରୋସେସିଙ୍ଗ
- ସର୍ବନିମ୍ନ ସୁଧ ହାର
- ୧୫ ମିନିଟ୍‌ରେ ଚିନ୍ତାମୁକ୍ତ ମଞ୍ଜୁରୀ
- ସୁବିଧାଜନକ ପରିଶୋଧ ତଥା ନମନୀୟ ଅବଧି
- ପ୍ରତି ଗ୍ରାମ ହାରରେ ସର୍ବାଧିକ ଏଲଟିଭି ଅନ୍ତର୍ଭୁକ୍ତ
- କୌଣସି ପରୋକ୍ଷ ଦେୟ ନାହିଁ
*ସର୍ତ୍ତ ଲାଗୁ
"ଖୁସିର ଗ୍ୟାରେଣ୍ଟି ତୁରନ୍ତ ପାଆନ୍ତୁ, ଆଇଡିବିଆଇ ବ୍ୟାଙ୍କର ସ୍ୱର୍ଣ୍ଣରଣର ଲାଭ ଉଠାନ୍ତୁ"
ଦ୍ରଷ୍ଟବ୍ୟ: ଆଜି ହିଁ ଆପଣଙ୍କ ନିକଟତମ ଆଇଡିବିଆଇ ଶାଖା ସହ ସମ୍ପର୍କ କରନ୍ତୁ।
ଟୋଲ୍ ଫ୍ରି ନମ୍ବର: 1800-209-4324 / 1800-22-1070
ଆମକୁ ଏଠାରେ ପରିଦର୍ଶନ କରନ୍ତୁ: www.idbibank.in

DOCTOR OF PHILOSOPHY IN GEOLOGY

ଗବେଷକ ଶ୍ରୀଯୁକ୍ତ ଉତ୍ସବ ଦାସ, Fakir Mohan Universityରୁ Geology (ଭୂତତ୍ତ୍ୱ ବିଜ୍ଞାନ)ରେ ପିଏଚ୍.ଡି. ଲାଭ କରିଛନ୍ତି। ସେ FMUର Faculty of Geology Science ବିଭାଗର Associate Professor, ଡ. ରୋଜାଲିନ ଦାସ, (HOD)ଙ୍କର ତତ୍ତ୍ୱାବଧାନରେ ଗବେଷଣା କରୁଥିଲେ। ଶ୍ରୀଯୁକ୍ତ ଦାସଙ୍କ ଗବେଷଣାମୂଳକ ବିଷୟବସ୍ତୁ ହେଉଛି, "Hydrological Survey and Ground Water quality assessment for Fluoride contamination saline intrusion and its remedial measure - A case study of Balasore Block and Remuna Block of Balasore District, Odisha, India" ତାଙ୍କ ଗବେଷଣାମୂଳକ ସନ୍ଦର୍ଭ Osmania University, Hyderabadର Prof. V. Sudarshan ଏବଂ Ranchi Universityର Prof. D.K. Bhattacharyaଙ୍କ ଦ୍ୱାରା ପରୀକ୍ଷିତ ଓ ଉଚ୍ଚପ୍ରଶଂସିତ। ଡ. ଦାସ FM University Geology, Dept.ର ପ୍ରଥମ Research Scholar ଭାବେ Awarded ହୋଇଛନ୍ତି। ଡ. ଦାସଙ୍କ ଏହି ସଫଳତା ପ୍ରଭୁ ଶ୍ରୀଜଗନ୍ନାଥ ଏବଂ ବାପା, ମା', ଭାଇ ଭାଉଜ ଏବଂ Retd. Prof. R.N. Hotaଙ୍କୁ କୃତଜ୍ଞତା ଓ ଧନ୍ୟବାଦ ଅର୍ପଣ କରିଛନ୍ତି।

SCA/754

Paradeep Phosphates Limited

PARADEEP PHOSPHATES LIMITED

Regd. Office: 5th Floor, Bayan Bhawan, Pt J N Marg, Bhubaneswar - 751 001
Tel: +91 080 45855561; E-mail: cs.ppl@adventz.com; **Website:** www.paradeepphosphates.com
CIN - L24129OR1981PLC001020

Extract of Statement of Audited Financial Results for the Quarter and Year ended March 31, 2024

(Rs. in Crore)

Sr. No.	Particulars	STANDALONE					CONSOLIDATED				
		3 Months ended 31-03-2024	3 Months ended 31-12-2023	3 Months ended 31-03-2023	Year ended 31-03-2024	Year ended 31-03-2023	3 Months ended 31-03-2024	3 Months ended 31-12-2023	3 Months ended 31-03-2023	Year ended 31-03-2024	Year ended 31-03-2023
		(Audited)	(Unaudited)	(Audited)	(Audited)	(Audited)	(Audited)	(Unaudited)	(Audited)	(Audited)	(Audited)
1	Total income from operations	2,272.77	2,603.67	3,713.62	11,643.96	13,431.79	2,272.77	2,603.67	3,713.62	11,643.96	13,431.79
2	Net Profit for the period before Tax	25.04	153.51	30.06	140.16	425.67	26.24	153.51	30.57	140.83	426.17
3	Net Profit / (Loss) for the period before tax (after Exceptional and/or Extraordinary Items)	25.04	153.51	30.06	140.16	425.67	26.24	153.51	30.57	140.83	426.17
4	Net Profit / (Loss) for the period after tax (after Exceptional Items)	20.30	108.92	9.47	99.24	303.68	21.50	108.92	9.98	99.91	304.18
5	Total Comprehensive Income / (Loss) for the period [comprising Profit / (Loss) for the period (after tax) and Other Comprehensive Income / (Loss) (after tax)]	19.40	107.80	9.47	97.30	304.37	19.42	107.85	9.44	97.40	304.62
6	Paid up Equity Share Capital (Face Value of Rs. 10/- each)				814.78	814.50				814.78	814.50
7	Other Equity				2750.03	2,690.71				2,749.62	2,690.20
8	Earnings Per Share (of Rs. 10/- each) (not annualised)										
	(a) Basic (Rs)	0.25	1.34	0.17	1.22	3.89	0.26	1.34	0.18	1.22	3.90
	(b) Diluted (Rs)	0.25	1.34	0.17	1.22	3.89	0.26	1.34	0.18	1.22	3.90

NOTES:

1. The above is an extract of the detailed format of the financial results for the quarter and year ended 31st March 2024, filed with the Stock Exchanges on 15th May 2024 under Regulation 33 of the SEBI (Listing Obligations and Disclosure Requirements) Regulations, 2015. The full format of the Audited Financial Results for the quarter and year ended 31st March 2024 are available on the Company's website www.paradeepphosphates.com and on the website of the Stock Exchanges www.nseindia.com and www.bseindia.com.
2. The results have been prepared in accordance with the Indian Accounting Standards ("Ind AS") as prescribed under Section 133 of the Companies Act, 2013 read with relevant rules issued thereunder.
3. The Board of Directors of the Company has recommended a dividend of Re. 0.50 per equity share of Rs. 10 each for the financial year ended March 31, 2024 ,subject to the approval of the shareholders at the ensuing annual general meeting.

Place : Bengaluru
Date : May 15, 2024

For and on behalf of the Board of Directors
Paradeep Phosphates Limited
Sd/-
N Suresh Krishnan
Managing Director
DIN: 00021965